## ସଂକ୍ଷେପରେ

### ବେଆଇନ ବାଲି ଉଠାଣ, ୬ଟ୍ରାକ୍ଟରକୁ ଜରିମାନା



**ପାପଡାହାଣ୍ଡି,୨୧।୧୨(ଡି.ଏନ୍.ଏ.)** ନବରଙ୍ଗପୁର ଜିଲା ପାପଡାହାଣ୍ଡି ତହସିଲର ଟୁରି ନଦୀର ବିଭିନ୍ନ ପଠାରୁ ବାଲି ଉଠାଣ କରୁଥିବା ୬ ଟ୍ରାକ୍ଟରକୁ ସୋମବାର ଜବତ କରାଯାଇ ଜରିମାନା ଆଦାୟ ହୋଇଛି। ସ୍ଥାନୀୟ ଘାଟଗୁଡା ନଦୀ ପଠାରୁ ୨ଟି ଟ୍ରାକ୍ଟର ଓ ଝିଟକୁଗୁଡା ନଦୀ ପଠାରୁ ୪ଟି ଟ୍ରାକ୍ଟରରେ ବାଲି ଉଠାଣ ହେଉଥିବା ତହସିଲଦାର ପ୍ରେମଲାଲ ହିଆଲ, ଅତିରିକ୍ତ ତହସିଲଦାର ମଧୁ ମାଝି ଖବର ପାଇ ସେଠାରେ ଚଢ଼ାଉ କରିଥିଲେ। ଏହି ସମୟରେ ସେଠାରୁ ବାଲି ନେଉଥିବା ଟ୍ରାକ୍ଟରକୁ ଜବତ କରି ଥାନାକୁ ଅଣାଯାଇଥିଲା। ପରେ ଉକ୍ତ ଟ୍ରାକ୍ଟରଠାରୁ ୩୦ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ତହସିଲଦାର ସୂଚନା ଦେଇଛନ୍ତି। ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।

### ଦୁର୍ଘଟଣାରେ ଜଣେ ଗୁରୁତର

**ମାଲକାନଗିରି,୨୧।୧୨(ଡି.ଏନ୍.ଏ.)-** ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସାରଦାଗୁଡା ନିକଟରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଗୁରୁତର ହୋଇଛନ୍ତି। ତାଙ୍କ ପରିଚୟ ମିଳି ନ ଥିବା ବେଳେ ତାଙ୍କ ଘର ବାଲିମେଲାରେ, ସେ ସାଉଥକୋର ଜଣେ କର୍ମଚାରୀ ବୋଲି ଜଣାପଡିଛି। ମାଲକାନଗିରି କୋରୁକୋଣ୍ଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବାଇକ୍ (ଓଡି ୦୭ ଏବି- ୨୨୩୮) ଭାରସାମ୍ୟ ହରାଇ ଗଛରେ ପିଟି ହୋଇଯାଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ଆୟୁର୍ବେଦିକ ସଚେତନତା ଶିବିର

**ଜୟପୁର,୨୧।୧୨(ନି.ପ୍ର.)-**ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପ ପରିସରରେ ଔଷଧୀୟ ଗଛପତ୍ରର ସୁରକ୍ଷା ସମ୍ପର୍କିତ ଏକ ଆୟୁର୍ବେଦିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ବଳରାମ ଖରା ଏହାକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପ୍ରକାର ରୋଗର ଉପଶମ ପାଇଁ ବ୍ୟବହାର କରାଯାଉଥିବା ଗଛପତ୍ର, ଲତା, ଚେର, ମୂଳ, ଡାଳ, ଫଳ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ କବିରାଜ, ବୈଦ୍ୟ, ଦିଶାରୀମାନେ ଭାଗନେଇ କିଭଳି ପ୍ରାଚୀନ ପରମ୍ପରାରେ ଚିକିତ୍ସା କରାଯାଉଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଡ. ସୁଦର୍ଶନ ଗେଡ଼, କବିରାଜ କ୍ଷେତ୍ରବାସୀ ପଣ୍ଡା, ବୈଦ୍ୟ କୃଷ୍ଣଚନ୍ଦ୍ର ବେହେରା, ରତ୍ନାକର ନାରାଜ, କେଦାରନାଥ ନାୟକ, ଅଶୋକ ପୂଜାରୀ, ସୁଶାନ୍ତ ପଣ୍ଡା, ସନ୍ତୋଷ ପାତ୍ର, ପଦ୍ମିନୀ ବୈଦ୍ୟ ପ୍ରମୁଖ ଅଂଶଗ୍ରହଣ କରି ଆୟୁର୍ବେଦ ଚିକିତ୍ସାର ପ୍ରଚାରପ୍ରସାର ସହ ସାମଗ୍ରିକ ବିକାଶ ଉପରେ ମତ ରଖିଥିଲେ। କବିରାଜ ପରମେଶ୍ୱର ପାତ୍ର ଧନ୍ୟବାଦ ଦେଇଥିଲେ।

# ଠକେଇର ଶିକାର ପରିବାର ଧାରଣାରେ ବସିଲେ

**ଜୟପୁର,୨୧।୧୨ (ନି.ପ୍ର.)**



ଧାରଣାରେ ବସିଥିବା ଲୋକମାନେ ।

**ଜୟପୁର ସହରରେ ଜମି ବିକ୍ରିରେ ଜାଲିଆତି**
- ବାରମ୍ବାର ଜଣାଇ ଶୁଣିଲେନି ତହସିଲଦାର
- ପ୍ରକୃତ ପଟ୍ଟାର ଦାବିଦାର ହେଉଛନ୍ତି ଠକେଇର ଶିକାର

ଜୟପୁର ତହସିଲ ଅଞ୍ଚଳରେ ଜମି ବିକ୍ରିରେ ଜାଲିଆତି ହେଉଛି। ଏନେଇ ବାରମ୍ବାର ଅଭିଯୋଗକଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ । ଏହାର ପ୍ରତିବାଦରେ ସୋମବାର ଜୟପୁର ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନ୍ୟାୟର ଶିକାର ହୋଇଥିବା ବ୍ୟକ୍ତିମାନେ ନ୍ୟାୟ ଦାବିରେ ଗଣଧାରଣା ଦେଇଛନ୍ତି । ପ୍ରକୃତ ପଟ୍ଟାଧାରୀ ମାଲିକଙ୍କ ପରିବାରକୁ ଜମି ଫେରସ୍ତ ଅଧିକାର ଦେବା, ପଟ୍ଟାଧାରୀଙ୍କ ସମ୍ପର୍କ ନ ଥିବା ମହିଳାଙ୍କ ଜାଲ୍ ଦସ୍ତଖତରେ ହୋଇଥିବା ଜମି ବିକ୍ରିର ତଦନ୍ତ କରିବା, ଧନୁର୍ଜୟ ନାମକ ବ୍ୟକ୍ତି ଜାଲ୍ ପ୍ରମାଣପତ୍ର ଦ୍ୱାରା କ୍ରୟ କରିଥିବା ଜମିର ପଞ୍ଜୀକରଣ ରଦ୍ଦ କରିବା ଦାବିରେ ଜମି ଠକେଇର ଶିକାର ହୋଇଥିବା ପରିବାର ଧାରଣା ଦେଇଥିଲେ। ଜୟପୁର ତହସିଲ ଘାଟବାଗରା ଗ୍ରାମର ଧନୁର୍ଜୟ କମାର ସୋନା କମାରଙ୍କ ୪.୪୯ ସେଣ୍ଟ ଜମିକୁ କୌଶଳକରି ସେଟଲମେଣ୍ଟ ପଟ୍ଟା ଦେଖାଇ ସୋନା କମାରଙ୍କ ଉତ୍ତରାଧିକାରୀ ରୂପେ ଅନ୍ୟ ଜଣେ ମହିଳା ଡମୁଣୀ କମାରୁଣୀଙ୍କୁ ବିକ୍ରେତା ରୂପେ ଦର୍ଶାଇ ୧୪।୨।୨୦୦୦ ରେ ନିଜ ନାମରେ ପଟ୍ଟା ଟ୍ରାନ୍ସଫର କରାଇଛନ୍ତି। ମାତ୍ର ସୋନା କମାରଙ୍କ ଉତ୍ତରାଧିକାରୀ ଯେଉଁମାନେ ପ୍ରକୃତ ପଟ୍ଟାର ଦାବିଦାର ସେମାନେ ଠକେଇର ଶିକାର ହୋଇଛନ୍ତି। ଏନେଇ ସେମାନେ ଜୟପୁର ତହସିଲଦାରଙ୍କୁ ଘଟଣାର ତଦନ୍ତକରି ସେମାନଙ୍କୁ ନ୍ୟାୟ ଦେବାକୁ ଅନୁରୋଧ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଶେଷରେ ଅନଶନ କରିବାକୁ ୨୪।୧୧।୨୦ରେ ନିଷ୍ପତ୍ତି ନେଇ ପ୍ରଶାସନକୁ ଅବଗତ କରାଇଥିଲେ। ସେତେବେଳେ ତହସିଲଦାରଙ୍କ ଆଶ୍ୱାସନା ଯୋଗୁ ସେମାନେ ଅନଶନକୁ ସ୍ଥଗିତ ରଖିଥିଲେ। ଇତି ମଧ୍ୟରେ ମାସେ ବିତିବାକୁ ବସିଥିଲେ ମଧ୍ୟ ଏ ଦିଗରେ ତହସିଲଦାର କୌଣସି ପଦକ୍ଷେପ ନ ନେବାରୁ ସେମାନେ ଗଣଧାରଣା ଦେଇଛନ୍ତି। ଯେତେଦିନ ଯାଏ ସେମାନଙ୍କ ସମସ୍ୟାର ସମାଧାନ ନ ହୋଇଛି ସେତେଦିନ ଯାଏ ଗଣଧାରଣା ଜାରି ରହିବ ବୋଲି ସେମାନେ ପ୍ରକାଶ କରିଛନ୍ତି। ଜିଲା ସିପିଆଇ ସମ୍ପାଦକ ଯୁଧିଷ୍ଠିର ରାଉଳ, ରାମ ନାୟକ, ଯମୁନା ନାୟକ, ଗଙ୍ଗା କୁମାରୀ କମାର, ସୁରେନ୍ଦ୍ର କମାର, ହରିବାଳା କମାର ପ୍ରମୁଖ ଧାରଣାରେ ବସିଥିଲେ।

# ଗଛରେ ପିଟିହୋଇ ଖାଲରେ ଖସିପଡ଼ିଲା କାର

**ଏମ ଭି ୭୯,୨୧।୧୨(ଡି.ଏନ.ଏ.)**



ମାଲକାନାଗିରି ଜିଲା ସୀମାନ୍ତ ମୋଟୁକୁ ସଂଯୋଗ କରୁଥିବା ୩୨୬ ନଂ ଜାତୀୟ ରାଜପଥର ଏମଭି-୧୨୭ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଏକ କାର ଗଛରେ ପିଟିହୋଇ ଖାଲକୁ ଖସିପଡିଛି। ଏଥିରେ ବସିଥିବା ଯାତ୍ରୀଙ୍କ ବିଶେଷ କ୍ଷତି ହୋଇ ନ ଥିବା ବେଳେ କାରଟି ଭାଙ୍ଗିରୁଜି ଯାଇଛି। ଜୟପୁରରୁ (ଏପି୦୭ ଇଇ-୩୩୩୫) କାରଟି ଆନ୍ଧ୍ରର ଭଦ୍ରାଚଳମକୁ ଯାଉଥିବା ବେଳେ ଏମଭି ୧୨୭ ଗ୍ରାମର ବୁଲାଣି ରେ ଏକ ଗଛ ସହ ପିଟି ହୋଇଯାଇଥିଲା। ଡ୍ରାଇଭର ଭାରସାମ୍ୟ ହରାଇବାରୁ ଗାଡିଟି ରାସ୍ତା କଡରେ ଥିବା ଖାଲକୁ ଖସିପଡିଥିଲା। ଖବର ପାଇ ଏମଭି-୭୯ ପୋଲିସ ପହଞ୍ଚି କାରକୁ ଖାଲରୁ ଉଠାଇବା ବ୍ୟବସ୍ଥା କରିଥିଲା। କାରରେ ଥିବା ୪ଜଣଙ୍କୁ ସ୍ଥାନୀୟ ମେଡିକାଲ ନେଇ ପ୍ରାଥମିକ ଚିକିତ୍ସା କରାଯାଇଛି।

# ଶୀତରେ ଥରୁଛି କାଶୀପୁର



**ଟିକିରି,୨୧।୧୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା କାଶୀପୁର ବ୍ଲକ୍‌ରେ ଏବେ ହାଡ଼ଭଙ୍ଗା ଶୀତ ଅନୁଭୂତ ହେଉଛି। ସକାଳ ୯ଟା ପୂର୍ବରୁ ଏବଂ ଅପରାହ୍ନ ୫ଟା ପରେ ଲୋକେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ତେଣୁ ସକାଳେ ଏବଂ ସନ୍ଧ୍ୟାରେ ଲୋକେ ନିଆଁ ଲଗାଇ ବସୁଥିବା ଦେଖାଯାଉଛି। ବୟସ୍କ ଲୋକଙ୍କ ମୁହଁରୁ ଶୁଣିବାକୁ ମିଳୁଛି, କାଶ୍ମୀର ଥଣ୍ଡା ପୁଣି ଫେରିଛି।

# ଏସ୍‌ପିଙ୍କ ଉଦାସୀନତା ଯୋଗୁ ବଢୁଛି ଅପରାଧ



ଧାରଣାରେ ବସିଥିବା କଂଗ୍ରେସ କର୍ମୀମାନେ।

**ନବରଙ୍ଗପୁର,୨୧।୧୨(ବି.ପ୍ର.)**

**ଏସ୍‌ପି ଅଫିସ ଘେରାଉ କରି ଗର୍ଜିଲା କଂଗ୍ରେସ**

ରାଜ୍ୟରେ ଶିଶୁ ଚୋରି, ନାବାଳିକାଙ୍କୁ ବଳାତ୍କାର ଭଳି ଘଟଣା ଦିନକୁ ଦିନ ବଢିବାରେ ଲାଗିଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ଏହା ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ ସୋମବାର ବିଭିନ୍ନ ଜିଲାର ଏସ୍‌ପିଙ୍କ କାର୍ଯ୍ୟାଳୟ ଘେରିବାକୁ ଡାକରା ଦେଇଥିଲା। ଏହି କ୍ରମରେ ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀଙ୍କ ନେତୃତ୍ୱରେ ନବରଙ୍ଗପୁରରେ ଏସ୍‌ପିଙ୍କ ଅଫିସ ଘେରାଉ କରାଯାଇଥିଲା। ଦଳୀୟ କର୍ମୀମାନେ ୩ ଘଣ୍ଟା କାଳ ସେଠାରେ ଧାରଣା ଦେଇଥିଲେ। ପରୀ ହତ୍ୟାକାଣ୍ଡରେ ଏସ୍‌ଆଇଟି ଉପରେ ଜନତା ବିଶ୍ୱାସ ହରାଇବସିଥିବା ବେଳେ ରାଜ୍ୟରେ ଦିନକୁ ଦିନ ଅପରାଧ ବଢ଼ିବାରେ ଲାଗିଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ସରକାରୀ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୨୦୧୬ରୁ ୨୦୨୦ ମସିହା ମଧ୍ୟରେ ୨ହଜାର ନାବାଳକ ଓ ୫ହଜାରରୁ ଊର୍ଦ୍ଧ୍ୱ ନାବାଳିକା ନିଖୋଜ ହୋଇଛନ୍ତି। ବିଭିନ୍ନ ଜିଲାର ଏସ୍‌ପିଙ୍କ ଉଦାସୀନତା ଯୋଗୁ ଅପରାଧ ବଢୁଛି ବୋଲି ନବରଙ୍ଗପୁର ଜିଲା ମହିଳା କଂଗ୍ରେସ କମିଟି ସଭାପତି ଏମ. ନାଗାରତ୍ନମା ଓ କୋଡ଼ିଙ୍ଗାର ପୂର୍ବତନ ବିଧାୟକ ସଦନ ନାୟକ କହିଛନ୍ତି। କଂଗ୍ରେସର ଘେରାଉ ଓ ଧାରଣାକୁ ଦୃଷ୍ଟିରେ ରଖି ଏସ୍‌ପିଙ୍କ ଅଫିସ ଆଗରେ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

### ମୋ ସ୍କୁଲ ଅଭିଯାନ ବୈଠକ

**ପଦ୍ମପୁର, ୨୧।୧୨(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଖମାପଦର ପଞ୍ଚାୟତ ଅଧୀନ ବିରିପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମୋ ସ୍କୁଲ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରଧାନଶିକ୍ଷକ ପ୍ରଦୀପ କୁମାର ବାହିନୀପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୋ ସ୍କୁଲ ଅଭିଯାନ କମିଟି ସଭାପତି ଭାବେ ଶୁକୁ ଶବରଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି। ଅନ୍ୟ ସଭ୍ୟଭାବେ କୁନା ପାଣି, ଜି. ଜୀବନ, ଆର୍. ବୁଜୀବାବୁ, କୁନୀ ଜେନାଙ୍କ ସମେତ ୮ଜଣ ସଭ୍ୟଙ୍କୁ ମନୋନୀତ କରାଯାଇଥିଲା। ବିଦ୍ୟାଳୟ ସହକାରୀ ଶିକ୍ଷକ ଶିବ ପ୍ରସାଦ ସାହୁ, ଟି. ସନ୍ତୋଷ, ଚନ୍ଦ୍ରଶେଖର ପୁନ୍ତର ଓ ଦିଲୀପ ଶବର ସହଯୋଗ କରିଥିଲେ।

### ମାଥିଲିରେ ଜୀବନବିନ୍ଦୁ କାର୍ଯ୍ୟକ୍ରମ

**ମାଲକାନଗିରି,୨୧।୧୨(ଡି.ଏନ୍.ଏ.)**

ମାଲକାନଗିରି ଜିଲା ମାଥିଲି ବ୍ଲକ ସଦର ମହକୁମାରେ ସୋମବାର ଜୀବନବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାଥିଲି ବ୍ଲକ ଏମ୍‌ପି ପ୍ରତିନିଧି ଭୀମସେନ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲାରେ ଆବଶ୍ୟକ ସମୟରେ ଗୁରୁତର ରୋଗୀଙ୍କୁ ରକ୍ତ ମିଳିପାରୁନି। ଏହି ଅଭାବକୁ ପୂରଣ କରିବା ଲାଗି ଜୀବନବିନ୍ଦୁ କାର୍ଯ୍ୟକ୍ରମ କରାଯାଉଛି। ଜିଲା ସମେତ ବ୍ଲକର ବିଭିନ୍ନ ଅଞ୍ଚଳରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅଭିଯାନ ଚାଲିଛି। କାର୍ଯ୍ୟକ୍ରମରେ ସ୍ଥାନୀୟ ଯୁବକମାନେ ଆଗ୍ରହର ସହ ରକ୍ତଦାନ କରିଛନ୍ତି। ବିଧାୟକ ପ୍ରତିନିଧି ବନ୍ଧୁ ମୁଦୁଲି, ଯୁବ ଛାତ୍ରନେତା ନାଗେଶ ସିଙ୍ଗରେଡ୍ଡି, ସହଦେବ ନାୟକ, ସୂର୍ଯ୍ୟ ନାୟକ, କୁନୁ ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବାଇକ୍ ଶୋଭାଯାତ୍ରାରେ ଲୋକଙ୍କୁ ସଚେତନ କଲା ପୋଲିସ




ପୋଲିସ ପକ୍ଷରୁ ବାହାରିଥିବା ବାଇକ ରାଲି ।

**ମାଲକାନଗିରି,୨୧।୧୨(ଡି.ଏନ୍.ଏ.)**

**ବିନା ହେଲ୍‌ମେଟ୍‌ଧାରୀଙ୍କୁ ପେଟ୍ରୋଲ ମନା**

କୋଭିଡ-୧୯ କଟକଣା ଯୋଗୁ ମାର୍ଚ୍ଚ ମାସରୁ ଗାଡିମୋଟର ଚଳାଚଳ ଉପରେ ଅଙ୍କୁଶ ଲାଗିଥିଲା। ସେହି ସମୟରେ ଗାଡି ପଞ୍ଜୀକରଣ, ଲାଇସେନ୍ସ, ବୀମା ଇତ୍ୟାଦି କାର୍ଯ୍ୟ ପରିବହନ କାର୍ଯ୍ୟାଳୟ ବନ୍ଦ ଯୋଗୁ ହୋଇପାରି ନଥିଲା। ୭ ମାସ ଧରି ଗାଡି ଚଳାଚଳ ଉପରେ କଟକଣା ଯୋଗୁ ସଡକ ଦୁର୍ଘଟଣା ବହୁ ପରିମାଣରେ ହ୍ରାସ ପାଇଥିଲା। ଏବେ କୋଭିଡ କଟକଣା କୋହଳ ପରେ ବିଭିନ୍ନ ସମୟରେ ଦୁର୍ଘଟଣାମାନ ଘଟୁଛି। ମାଲକାନଗିରି ଜିଲାରେ ପ୍ରତ୍ୟେହ ୧୫ରୁ ୨୦ଟି ଦୁର୍ଘଟଣା ଘଟି ବାଇକଚାଳକଙ୍କ ଜୀବନହାନି ହେଉଛି। ଚାଳକମାନେ ହେଲମେଟ୍ ପିନ୍ଧୁ ନ ଥିବାରୁ ଦୁର୍ଘଟଣା ଘଟିଲେ ସେମାନଙ୍କୁ ବଞ୍ଚାଇବା କଷ୍ଟକର ହୋଇପଡୁଛି। ଏହାକୁ ଦୃଷ୍ଟିରେ ରଖି ଏବେ ଜିଲାରେ ହେଲମେଟ୍ ଯାଞ୍ଚକୁ କଡାକଡି କରାଯାଇଛି। ହେଲମେଟ୍ ପିନ୍ଧିବା ବାଧ୍ୟତାମୂଳକ କରିଛି ପ୍ରଶାସନ। ଏନେଇ ଲୋକଙ୍କୁସଚେତନ କରିବାକୁ ସୋମବାର ମାଲକାନଗିର ଆଦର୍ଶ ଥାନା ପକ୍ଷରୁ ଏକ ବାଇକ୍ ଶୋଭାଯାତ୍ରା ହୋଇଥିଲା। ଏସଡିପିଓ ପ୍ରହଲ୍ଲାଦ ମୀନାଙ୍କ ନେତୃତ୍ୱରେ ପୋଲିସ କର୍ମଚାରୀମାନେ ଭୈରବ ମନ୍ଦିରଠାରୁ ବାଇକ୍ ଶୋଭାଯାତ୍ରାରେ ବାହାରି ଲୋକମାନଙ୍କୁ ସଡକ ସୁରକ୍ଷା ନେଇ ସଚେତନ କରିଥିଲେ। ସେମାନେ ବସ ଷ୍ଟାଣ୍ଡ, ସୁବାଷ ଛକ, ବାଲିମେଳା ଛକ, ଡିଏନକେ ଛକ, ମେଡିକାଲ ଛକ ଓ ଏମ୍‌ଭି- ୩ ବିଏସ୍‌ଏଫ୍ କ୍ୟାମ୍ପ ପର୍ଯ୍ୟନ୍ତ ଯାଇ ସଚେତନ କରିଥିଲେ। ପେଟ୍ରୋଲ ପମ୍ପରେ ପହଞ୍ଚି ବିନା ହେଲମେଟରେ ଥିବା ବାଇକ ଚାଳକଙ୍କୁ ପେଟ୍ରୋଲ ନ ଦେବାପାଇଁ ପରାମର୍ଶ ଦେଇଥିଲେ।

# ଟ୍ରକ୍ ଧକ୍କାରେ ଜଣେ ମୃତ

**ରାୟଗଡ଼ା ଅଫିସ,୨୧।୧୨-**

ରାୟଗଡ଼ା ଜିଲା ଶେଷଖାଲ ଥାନା ଅଧୀନ ମୋଟୁ କେରେଡ଼ାଠାରେ ରବିବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟଜଣେ ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ହେଲେ ରାୟଗଡ଼ାର ସାଉଥ୍‌କୋ ଜୁନିୟର ଟେକ୍ନିସିଆନ୍ ପି. ଶ୍ରୀନିବାସ ରାଓ। ସେହିପରି ତାଙ୍କ ସହ ଥିବା ଲ୍ୟାଡର୍‌ମ୍ୟାନ୍ ପୀତବାସ ମେଲେକା ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଦୁହେଁ ବାଇକ୍ ଯୋଗେ କେରେଡ଼ାରୁ ରାୟଗଡ଼ା ଆସୁଥିଲେ। ଏହି ସମୟରେ ମୋଟୁ କେରେଡ଼ାଠାରେ ଏକ ଟ୍ରକ୍ ତାଙ୍କୁ ଧକ୍କାଦେଇ ଚାଲିଯାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ସେହିପରି ସୋମବାର ଶ୍ରୀନିବାସଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# ପରୀକୁ ନ୍ୟାୟ ଦାବିରେ କଂଗ୍ରେସର ଧାରଣା

**ମାଲକାନଗିରି,୨୧।୧୨(ଡି.ଏନ୍.ଏ.)**

ନୟାଗଡ଼ ଜିଲାର ଏକ ୫ବର୍ଷ ଶିଶୁ କନ୍ୟା ପରୀକୁ ହତ୍ୟା କରାଯାଇଥିବା ଏବଂ ଏହି ଘଟଣାରେ ସେହି ନିର୍ବାଚନମଣ୍ଡଳୀର ମନ୍ତ୍ରୀ ଅରୁଣ ସାହୁ ଅଭିଯୁକ୍ତଙ୍କୁ ସୁରକ୍ଷା ଦେବା ପ୍ରତିବାଦରେ ସୋମବାର କଂଗ୍ରେସ ପକ୍ଷରୁ ସୋମବାର ଏସ୍‌ପି ଅଫିସ ସମ୍ମୁଖରେ ୪ ଘଣ୍ଟିଆ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରୀ ହତ୍ୟାକାରୀଙ୍କୁ ଦଣ୍ଡ ଏବଂ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବି କରିଛି ଦଳ। ଜିଲା ସଭାପତି ଗୋବିନ୍ଦ ପାତ୍ରଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ଧାରଣାରେ ସାମିଲ ହୋଇଥିଲେ। ରାଜ୍ୟ ସରକାର ଦୁର୍ନୀତିକୁ ପ୍ରଶ୍ରୟ ଦେଇ ରାଜ୍ୟରେ ଘଟୁଥିବା ଶିଶୁ ଚୋରି, ହତ୍ୟା, ବଳାତ୍କାର ପରି ଘଟଣାକୁ ଲୁଚାଉଛନ୍ତି ବୋଲି କାର୍ଯ୍ୟକାରୀ ସଭାପତି ରାମ ପଟ୍ଟନାୟକ ଅଭିଯୋଗ କରିଥିଲେ। ଆଗାମୀ ଦିନରେ ଦଳ ଲୋକଙ୍କ ସମସ୍ୟା ଏବଂ ନ୍ୟାୟ ଦେବାପାଇଁ ଆନ୍ଦୋଳନ କରି ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ପଟ୍ଟନାୟକ ଦେଇଥିଲେ। କାଲିମେଳା ବ୍ଲକ ଅଧ୍ୟକ୍ଷ ମାଲା ମାଢି, ମହିଳା କଂଗ୍ରେସ ନେତ୍ରୀ କମଳା ବରାଳ, ଜି. ଶ୍ରୀନିବାସ ରାଓ, ଛବି ଦାସ, ପଦ୍ମ ପାଙ୍ଗୀ, ଭୀମା ବାର୍ସେ, ଲକ୍ଷ୍ମୀନାଥ ମହାରଣାଙ୍କ ସମେତ ଅନ୍ୟମାନେ ଧାରଣାରେ ସାମିଲ ହୋଇଥିଲେ।




ଏସ୍‌ପି ଅଫିସ ସମ୍ମୁଖରେ କଂଗ୍ରେସ କର୍ମକର୍ମାମାନେ ଧାରଣାରେ ବସିଛନ୍ତି।

# ସ୍ୱାସ୍ଥ୍ୟକର୍ମୀ, ବୟସ୍କଙ୍କୁ ପ୍ରଥମେ ମିଳିବ କରୋନା ଟିକା

**ପଦ୍ମପୁର, ୨୧।୧୨(ଡି.ଏନ୍.ଏ.)**




ବୈଠକରେ ଉପସ୍ଥିତ ଅତିଥିମାନେ।

**ପଦ୍ମପୁରରେ କୋଭିଡ୍ ଟିକାକରଣ ପ୍ରସ୍ତୁତି ବୈଠକ**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଡିଓ ଦୟାମୟ ପାଢ଼ୀଙ୍କ ଅଧ୍ୟକ୍ଷତାରେ କୋଭିଡ୍ ଟିକାକରଣ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡାକ୍ତରଖାନା ଭାରପ୍ରାପ୍ତ ଅଧିକାରୀ ଡାକ୍ତର ସରୋଜ ବିନ୍ଧାଣି, ସିଡିପିଓ ପ୍ରମିଳା ବେହେରା, ଡବ୍ଲ୍ୟୁଇଓ ସସ୍ମିତା ରଥ, ବିପିଏମ୍ ମନୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ କୋଭିଡ୍-୧୯ ଟିକାକରଣ ପରିଚାଳନା କିପରି କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଟିକାକରଣର ପ୍ରଥମ ପର୍ଯ୍ୟାୟରେ ହେଲ୍‌ଥ କେୟାର ଷ୍ଟାଫ୍, ୫୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ବ୍ୟକ୍ତି, କରୋନା ସମୟରେ ସେବା ଯୋଗାଇଥିବା ଆଗଧାଡ଼ିର ଯୋଦ୍ଧାଙ୍କୁ ସାମିଲ କରାଯିବ। ପଦ୍ମପୁର ବ୍ଲକର ୪୧୭ଜଣ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ଡାଟାବେସ୍ ପ୍ରସ୍ତୁତ କରାଯାଇଛି। ଏମାନଙ୍କ ବ୍ୟତୀତ ପ୍ରଥମ ପର୍ଯ୍ୟାୟରେ ଟିକା ପାଇବାକୁ ଥିବା ବ୍ୟକ୍ତିମାନଙ୍କୁ କୋ-ଉଇନ୍.ଆପ୍ଲିକେଶନରେ ନାମ ପଞ୍ଜୀକରଣ କରିବେ। ବ୍ଲକର କେତୋଟି ସ୍ଥାନରେ ଟିକାକରଣ କେନ୍ଦ୍ର ଖୋଲାଯିବ, କେନ୍ଦ୍ରଗୁଡିକରେ କେଉଁ ପ୍ରକାର ସୁବିଧା ରହିବ ତା' ଉପରେ ଆଲୋଚନା ହୋଇଥିଲା। ବୈଠକରେ ପିପୁଲ୍ସ ପ୍ଲାନ କ୍ୟାମ୍ପେନ୍, ମ୍ୟାଲେରିଆ ନିରାକରଣ, ଗାଁ କଲ୍ୟାଣ ସମିତି, ପଲ୍‌ସ ପୋଲିଓ, ଏନ୍‌ସିଡି, କୁଷ୍ଠ, ସମ୍ପୂର୍ଣ୍ଣା ଓ ମୋ ପରିବାର କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ବିପିଏମ୍ ମନୋଜ କୁମାର ପଣ୍ଡା ବୈଠକ ପରିଚାଳନା କରିଥିଲେ। ଡାକ୍ତର ସରୋଜ ବିନ୍ଧାଣି ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ଯ୍ୟାତନା ନେଇ ମହିଳା ଥାନାରେ ଅଭିଯୋଗ

ଜୟପୁର, (ନି.ପ୍ର.): କୋରାପୁଟ ଜିଲା କୋଟପାଡ ଥାନା ଅନ୍ତର୍ଗତ ଶଶାହାଣ୍ଡି ଗ୍ରାମର ତୁଳାବତୀ ଭତ୍ରାଙ୍କୁ ଶାଶୁଘର ପରିବାର ଲୋକେ ଯୌତୁକ ନିର୍ଯାତନା ଦେଉଥିବା ନେଇ ସୋମବାର ମହିଳା ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତିକରି ପୋଲିସ ସ୍ୱାମୀ ଓ ଶାଶୁ ଶ୍ୱଶୁରଙ୍କ ନାମରେ ୮୦/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଗତ ୨ବର୍ଷ ତଳେ କୋଟପାଡ ଥାନା ଅନ୍ତର୍ଗତ ଆମ୍ବଗାଁ ଅଞ୍ଚଳର କାଳପୂର୍ଣ୍ଣ ମାଝିଙ୍କୁ ତୁଳାବତୀ ବିବାହ କରିଥିଲେ। ବିବାହର କିଛି ଦିନ ପରେ ସ୍ୱାମୀ, ଶାଶୁ ଓ ଶ୍ୱଶୁର ମିଶି ତାଙ୍କୁ ବାପଘରୁ ଟଙ୍କା ଆଣିବାକୁ କହିଥିଲେ। ପରେ ଏନେଇ ଗାଁ ବୈଠକରେ ଆଲୋଚନା ହୋଇ ସମାଧାନ ହୋଇଥିଲା। ତେବେ ପୁଣି ତାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେବାରୁ ସେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଏସଆଇ ଜି.ଗମାଙ୍ଗ ମାମଲାର ତଦନ୍ତ କରୁଛନ୍ତି।

## ସଂକ୍ଷେପରେ

### ୫୦୦ରୁ ୧୫୦୦ ଟଙ୍କାରେ ମିଳୁଛି କରୋନା ଔଷଧ

ମାଲକାନଗିରି,୨୧।୧୨(ଡି.ଏନ୍.ଏ.) -ମାଲକାନଗିରି ଜିଲାରେ ବର୍ତ୍ତମାନ କରୋନା ଔଷଧ ମିଳୁଛି। ଏହି ଔଷଧ ଖାଇଲେ କରୋନା ହେବ ନାହିଁ। ଏହାର ମୂଲ୍ୟ ୫୦୦ରୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ମାଲକାନଗିରି ଜିଲା ମାଥିଲି ବ୍ଲକର ପାଙ୍ଗାମ ପଞ୍ଚାୟତରେ କେତେଜଣ ଯୁବତୀ ବିଭିନ୍ନ ଗ୍ରାମକୁ ଗ୍ରାମ ବୁଲି ଏପରି ଔଷଧ ଲୋକଙ୍କୁ ବିକ୍ରି କରୁଛନ୍ତି। ତେବେ ଏନେଇ ସେମାନଙ୍କୁ ପଚାରିଲେ, ଆମେ ଏଚ୍‌ଆର୍‌ଏମ୍‌ଏସ୍ ଛାତ୍ରୀ, ଆମର ପ୍ରାକ୍ଟିକାଲ ଚାଲିଛି। ଏଥିଯୋଗୁ ଆମେ ଗାଁକୁ ଗାଁ ବୁଲି ଏହି ଔଷଧ ବିକୁଛୁ ବୋଲି କହିଛନ୍ତି। ସାରା ପୃଥିବୀ କରୋନାକୁ ନେଇ ଭୟଭୀତ ଅବସ୍ଥାରେ ଗତି କରୁଥିବା ବେଳେ ଗ୍ରାମାଞ୍ଚଳରେ ନିରୀହ ଲୋକଙ୍କୁ ଠକିବା ନେଇ ସୁଚିନ୍ତିତ ଯୋଜନା କରିଛନ୍ତି କିଛି ସଂସ୍ଥା। ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

### ଡାକ୍ତରଖାନାରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ନବରଙ୍ଗପୁର,୨୧।୧୨(ବି.ପ୍ର.) ଉମରକୋଟ୍ ସବ୍‌ଜେଲରେ ରହୁଥିବା ଜଣେ ବିଚାରାଧୀନ କଏଦୀଙ୍କ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ସେ ହେଲେ ଝରିଗାଁ ଥାନା ଅଞ୍ଚଳ କୁସୁମି ଗାଁର ଶ୍ରୀଧର ମାଳୀ (୫୩)।

ସୂଚନା ଅନୁଯାୟୀ, ରବିବାର ଶ୍ରୀଧର ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ବିଗିଡିବାରୁ ତାଙ୍କୁ ପ୍ରାଥମିକ ଚିକିତ୍ସା ପରେ ଡାକ୍ତରଙ୍କ ପରାମର୍ଶକ୍ରମେ କୋରାପୁଟ ମେଡିକାଲ କଲେଜକୁ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମଙ୍ଗଳବାର ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ପ୍ରକାଶ ଯେ, ୨୦୧୭ରେ ଏକ ହତ୍ୟା ଘଟଣାରେ ତାଙ୍କ ସମ୍ପୃକ୍ତି ନେଇ ଅଭିଯୋଗ ହୋଇଥିଲା।

### ଧାନମଣ୍ଡି ଉଦ୍‌ଘାଟିତ ପ୍ରଥମ ଦିବସରେ କିଣାଗଲା ୨୩୧ କୁଇଣ୍ଟାଲ



ପଟ୍ଟାଙ୍ଗୀ,୨୧।୧୨(ଡି.ଏନ.ଏ)- କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସଦର ମହକୁମାସ୍ଥିତ ଲ୍ୟାମ୍ପ୍ସ କାର୍ଯ୍ୟାଳୟ ପରିସରରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି । ଏମଡି ରାମଚନ୍ଦ୍ର ଖେମୁଡୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଲ୍ୟାମ୍ପସ ସଭାପତି ଚିକୁଣୁ ପାଙ୍ଗି ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଦିବସରେ ୬ ଜଣ ଚାଷୀଙ୍କଠାରୁ ୨୩୧ କୁଇଣ୍ଟାଲ ଧାନ କିଣାଯାଇଥିଲା। ଏହି ସମୟରେ କେସିସି ବ୍ୟାଙ୍କ କ୍ଷେତ୍ର ଅଧିକାରୀ ଦିଗାମ୍ବର ନାୟକ, ପୂର୍ବତନ ଏମଡି ବଳରାମ ବାରିକ, ଟିପି ଶ୍ରୀନିବାସ ରାଜୁ, ସୁବ୍ରତ ପଟ୍ଟନାୟକଙ୍କ ସମେତ ଚାଷୀମାନେ ଉପସ୍ଥିତ ଥିଲେ ।

# ସହାୟତା ନାଁରେ ଦସ୍ତଖତ ନେଇଥିବା ଅଭିଯୋଗ



ଅଭିଯୋଗ ଜଣାଇବାକୁ ଆସିଥିବା ମଙ୍ଗଳା ମହିଳା ସଂଘର ସଦସ୍ୟାମାନେ।

■ ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଲେ ଚାଷୀ

■ ପୋଖରି ଖୋଳିଛନ୍ତି, ମିଳୁନି ଟଙ୍କା

ଗୁଣପୁର,୨୧।୧୨(ଡି.ଏନ୍.ଏ.)– ମାଛଚାଷ ପାଇଁ ସରକାର ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଉଛନ୍ତି। ହେଲେ କେତେଜଣ ଚାଷୀ ଏଥିରେ ଠକାମୀର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି। ମାଛ ଚାଷ ପାଇଁ ପୋଖରି ଖୋଳିଥିଲେ ମଧ୍ୟ ଏହା ବାବଦକୁ ସେମାନେ ଟଙ୍କା ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏପରିକି ବିଲ୍ କରିଦେବି କହି ଚାଷୀଙ୍କ ନିକଟରୁ ଟଙ୍କା ନେଇଥିବା ଭଳି ଅଭିଯୋଗ ମଧ୍ୟ ହୋଇଛି। ଏଭଳି ଅଭିଯୋଗ ନେଇ ସୋମବାର ପଦ୍ମପୁର ଏବଂ ଗୁଡାରି ଅଞ୍ଚଳର ମାଛଚାଷୀ ସ୍ଥାନୀୟ ଉପଜିଲାପାଳ ସୋନାଲ୍ ଜେନାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପଦ୍ମପୁର ବ୍ଲକ୍‌ର ଜିଲା ଏବଂ ଗଡାରୀ ବ୍ଲକ୍‌ର ଲଣ୍ଡାସିଂ ଲକ୍ଷ୍ମୀପୁର ଗାଁର ଚାଷୀମାନେ ପ୍ରାୟ ୭ ବର୍ଷ ତଳେ ପୋଖରି ଖୋଳିବା ପାଇଁ କାର୍ଯ୍ୟାଦେଶ ପାଇବା ପରେ ମାଛଚାଷ ପାଇଁ ପୋଖରି ଖୋଳିଥିଲେ। ହେଲେ ଏହା ବାବଦକୁ ସମ୍ପୂର୍ଣ୍ଣ ଟଙ୍କା ଅଦ୍ୟାବଧି ସେମାନେ ପାଇନାହାନ୍ତି। ତତ୍କାଳୀନ ଏଫ୍‌ଇଓ ଚନ୍ଦନ ଦାସ ଜାଲ, ବୋଟ୍, ବିଦ୍ୟୁତକରଣ ଏବଂ ପୋଖରି ହୁଡ଼ାରେ ଘର କରିଦେବି କହି ସାଦା କାଗଜରେ ଦସ୍ତଖତ ନେଇଥିଲେ। ସେହିପରି ଲଣ୍ଡାସିଂ ଲକ୍ଷ୍ମୀପୁର ଗ୍ରାମର କାମଦେବ ଆଇକାଙ୍କୁ ନାବାର୍ଡରୁ ୮ ଲକ୍ଷ ୪୦ ହଜାର ଟଙ୍କା କାର୍ଯ୍ୟାଦେଶ ବିନା ଚିଠି ନମ୍ବରରେ ପ୍ରଦାନ କରିଥିଲେ। ଏହାପରେ ସେ ୩ଏକର ଜମିରେ ପୋଖରି ଖୋଳଥିଲେ। ହେଲେ ଏ ପର୍ଯ୍ୟନ୍ତ ସେ ଟଙ୍କାଟିଏ ପାଇ ନ ଥିବା ଅଭିଯୋଗ କରିଛନ୍ତି। ସେହିପରି ଗୁଡାରି ବ୍ଲକ୍ ଭରକଡ଼ ଗ୍ରାମର ମଙ୍ଗଳା ମହିଳା ସଂଘ ମଧ୍ୟ ଠକାମୀର ଶିକାର ହୋଇଥିବା ଉପଜିଲାପାଳଙ୍କୁ ଜଣାଇଛନ୍ତି। ୨୦୧୨ ମସିହାରେ ଥବା ଜିଲା ମତ୍ସ୍ୟ ଅଧିକାରୀ ସେମାନଙ୍କଠାରୁ ୩୦ହଜାର ଟଙ୍କା ନେଇଥିଲେ। ସେମାନଙ୍କୁ ଡଙ୍ଗା, ଜାଲ ଏବଂ ମାଛ ଖାଦ୍ୟ ଦେବେ କହି ସାଦା କାଗଜରେ ଦସ୍ତଖତ କରି ନେଇଥିଲେ। ଏ ନେଇ ସେମାନେ ପଚାରିବାରୁ ଅଧିକାରୀ ଚାଷୀଙ୍କ ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣାକୁ ନେଇ ଚାଷୀ ବିଭିନ୍ନ ସମୟରେ ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଭେଟି ଅବଗତ କରାଇଛନ୍ତି। ହେଲେ ସେମାନଙ୍କ ସମସ୍ୟାର ସମାଧାନ ହୋଇନାହିଁ। ଏପରିକି ସେମାନେ ଲୋକାୟୁକ୍ତଙ୍କ ଠାରେ ମଧ୍ୟ ଅଭିଯୋଗ କରିଛନ୍ତି। ହେଲେ ଲୋକାୟୁକ୍ତ ଯେଉଁ ତାରିଖରେ ଚାଷୀଙ୍କୁ ଭୁବନେଶ୍ୱର ଆସିବା ପାଇଁ କହିଥିଲେ, ସେତେବେଳକୁ ସେମାନଙ୍କ ନିକଟରେ ଚଠି ପହଞ୍ଚି ନ ଥିଲା। ତେଣୁ ତାହା ମଧ୍ୟ ବିଫଳ ହୋଇଥିଲା। ବିଭିନ୍ନ ସ୍ତରରେ ଅଭିଯୋଗ କରି ଚାଷୀ ବହୁ ଖର୍ଚ୍ଚାନ୍ତ ହୋଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ତେଣୁସୋମବାର ଚାଷୀମାନେ ଉପଜିଲାପାଳଙ୍କୁଭେଟିଦାବିଜଣାଇଛନ୍ତି।

# କୋରାପୁଟ ଜିଲାରେ ହାଡ଼ଥରା ଶୀତ

**ଦାମନଯୋଡ଼ିରେ ପାରଦ ୩.୮ ଡିଗ୍ରୀକୁ ଖସିଲା**

କୋରାପୁଟ,୨୧।୧୨(ସ୍ୱ.ପ୍ର.) କୋରାପୁଟ ଜିଲାରେ ଗତ ଦୁଇଦିନ ହେଲା ପ୍ରବଳ ଶୀତ ଅନୁଭୂତ ହେଉଛି। ଜିଲାର ଦାମନଯୋଡ଼ିସ୍ଥିତ ନାଲ୍‌କୋଠାରେ ସୋମବାର ସନ୍ଧ୍ୟା ୬ଟାରେ ପାରଦ (ତାପମାତ୍ରା) ୩.୮ ଡିଗ୍ରୀ ରହିଥିବା ନାଲ୍‌କୋ ପାଣିପାଗ ବୋର୍ଡରୁ ଜଣାଯାଇଛି। ସେହିପରି ଜିଲାରେ ସର୍ବାଧିକ ୨୭.୫ ଡିଗ୍ରୀ ତାପମାତ୍ରା ରହିଥିବା ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଦେଇଛନ୍ତି। ଗତବର୍ଷ ଏହି ଦିନରେ ଜିଲାରେ ସର୍ବନିମ୍ନ ୧୦.୨ ଡିଗ୍ରୀ ତାପମାତ୍ରା ରହିଥିଲା। ବିଶେଷକରି ଜିଲାର ଦାମନଯୋଡ଼ି, ପଟ୍ଟାଙ୍ଗୀ, ଲକ୍ଷ୍ମୀପୁର, ଲମତାପୁଟ, କାକିରିଗୁମ୍ମା, ସେମିଳିଗୁଡ଼ା, ନନ୍ଦପୁର ଅଞ୍ଚଳରେ ଗତ ଦୁଇଦିନ ହେଲା ପ୍ରବଳ ଶୀତ ଅନୁଭୂତ ହେଉଛି । ଦିନବେଳେ ମଧ୍ୟ ଜିଲାରେ ଶୀତ ଲହରି ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି । ଏପରି ଥଣ୍ଡା ଆଉ ୨ରୁ ୪ ଦିନ ଯାଏ ଅନୁଭୂତ ହେବ ବୋଲି ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି । ଜିଲାରେ ପ୍ରବଳ ଶୀତ ଯୋଗୁ ପୂର୍ବାହ୍ନ ୧୦ଟା ଯାଏ ରାସ୍ତାଘାଟ ଏକପ୍ରକାର ଶୂନ୍‌ଶାନ ରହୁଛି । ଲୋକେ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଜାଳି ବସି ରହୁଛନ୍ତି।



# ବଲ୍ଲଭ ନାରାୟଣଙ୍କୁ ଶୀତବସ୍ତ୍ର ଲାଗି

ଜୟପୁର,୨୧।୧୨(ନି.ପ୍ର.) ଜୟପୁରର ବଲ୍ଲଭ ନାରାୟଣଙ୍କୁ ଶୀତବସ୍ତ୍ର ଲାଗି କରାଯାଇଛି । ଶ୍ରୀପଞ୍ଚମୀ ଯାଏ ଠାକୁର ଏପରି ଶୀତବସ୍ତ୍ର ପରିଧାନ କରିବେ। ଏଠାରେ ପରମ୍ପରା ଅନୁଯାୟୀ ନୀତିକାନ୍ତି ପାଳନ କରାଯାଇଛି । ହେଗା ସହ ନିଆଁ ଉହ୍ମେଇ ମଧ ଗରମ କରାଯାଇଛି । କୋଭିଡ୍ କଟକଣା ଯୋଗୁ ଠାକୁରଙ୍କ ଏହି ନୀତି ଦର୍ଶନରୁ ଶ୍ରଦ୍ଧାଳୁମାନେ ବଞ୍ଚିତ ହୋଇଛନ୍ତି।

# ମାଓବାଦୀଙ୍କ ବନ୍ଦ ଡାକରା ପ୍ରଭାବଶୂନ୍ୟ

ମାଲକାନଗିରି,୨୧।୧୨(ଡି.ଏନ୍.ଏ.) ସୋମବାର ମାଓବାଦୀମାନେ ଦେଇଥିବା ମାଲକାନଗିରି ଜିଲା ବନ୍ଦ ଡାକରା ସଫଳ ହୋଇନି। ଆନ୍ଧ୍ର–ଓଡିଶା ବର୍ଡର ଜୋନାଲ କମିଟି ସଚିବ କୈଳାସ ୧୩ରେ ଘଟିଥିବା ସିଙ୍ଗାରାମ ଏନକାଉଣ୍ଟରକୁ ବିରୋଧ କରି ଏହି ବନ୍ଦ ଡାକରା ଦେଇଥିଲେ। ଏନକାଉଣ୍ଟର ନାମରେ ୨ଜଣ ମାଓବାଦୀଙ୍କୁ ହତ୍ୟା କରାଯାଇଥିବା ଆନ୍ଧ୍ର ଓଡିଶା ବର୍ଡର ଡିଭିଜନ ସଚିବ କୈଳାସ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି। ସରକାର ସ୍ୱାଭିମାନ ଅଞ୍ଚଳରେ ବିଏସଏଫ୍ କ୍ୟାମ୍ପ ପ୍ରତିଷ୍ଠା କରି ଲୋକଙ୍କୁ ନିର୍ଯାତନା ଦେଉଛି। ମାଓବାଦୀଙ୍କୁ ଧରି ମିଥ୍ୟା ଏନକାଉଣ୍ଟର କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ମିଥ୍ୟା ଏନକାଉଣ୍ଟରରେ ମୃତ୍ୟୁବରଣ କରିଥିବା ଶହୀଦଙ୍କ ପରିବାରକୁ ଆମେ ସହାନୁଭୂତି ଜଣାଉଛୁ ବୋଲି ପ୍ରେସ ବିବୃତ୍ତିରେ ଉଲ୍ଲେଖ କରି ସେ ବନ୍ଦକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ମାତ୍ର ଏହି ବନ୍ଦର କୌଣସି ପ୍ରଭାବ ମାଲକାନଗିରି ଜିଲାରେ ଦେଖିବାକୁ ମିଳିନାହିଁ। ଗାଡି ଚଳାଚଳ ଅବ୍ୟାହତ ରହିଥିବା ବେଳେ ପୋଲିସ ପକ୍ଷରୁ କୋମ୍ବିଂ ଅପରେସନକୁ ଜୋରଦାର କରାଯାଇଥିଲା।

## ଗୁଣପୁର ପୌର କାର୍ଯ୍ୟାଳୟରେ ଭିଜିଲାନ୍ସ ଚଢ଼ାଉ

ଗୁଣପୁର,୨୧।୧୨(ଡି.ଏନ୍.ଏ.) ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦ କାର୍ଯ୍ୟାଳୟରେ ସୋମବାର ଭିଜିଲାନ୍ସ ଟିମ୍ ଚଢ଼ାଉ କରିଛନ୍ତି। ରାୟଗଡ଼ା ଭିଜିଲାନ୍ସ ଡିଏସ୍‌ପି ଅନନ୍ତ ପ୍ରସାଦ ମଲ୍ଲିକଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ବିଭିନ୍ନ ଭତ୍ତା ପ୍ରଦାନରେ ଅନିୟମିତତା ଏବଂ ସୁଇପର୍ ନିଯୁକ୍ତିରେ ଚଞ୍ଚକତା ଅଭିଯୋଗରେ ଟିମ୍ ଖୋଳତାଡ଼ ଆରମ୍ଭ କରିଥିବା ଡିଏସ୍‌ପି ସୂଚନା ଦେଇଛନ୍ତି।

## କୋରାପୁଟ ଡାକ୍ତର ଜାତୀୟସ୍ତରରେ ସମ୍ମାନିତ

କୋରାପୁଟ,୨୧।୧୨(ସ୍ୱ.ପ୍ର.) ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍‌ପିଟାଲ (ଏସଏନଏଲଏମସିଏଚ)ର ସ୍ତ୍ରୀ ଓ ପ୍ରସୂତିରୋଗ ବିଶେଷଜ୍ଞ ଡାକ୍ତର ରୀତାଞ୍ଜଳି ମିଶ୍ର ଜାତୀୟ ସ୍ତରରେ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କର ଉଲ୍ଲେଖନୀୟ ସମାଜସେବା ପାଇଁ ତାଙ୍କୁ ସର୍ବଭାରତୀୟ ଚିକିତ୍ସକ ସଂଘ (ଆଇଏମଏ) ସମ୍ବର୍ଦ୍ଧିତ କରିଛନ୍ତି। ସୂଚନାଯୋଗ୍ୟ, ଡାକ୍ତର ମିଶ୍ର କରୋନା ପରି ସଙ୍କଟ ସମୟରେ ଅନେକ କୋରନା ସଂକ୍ରମିତ ଗର୍ଭବତୀଙ୍କ ସଫଳ ଅସ୍ତ୍ରୋପଚାର କରି ସୁରକ୍ଷିତ ପ୍ରସବ କରାଇଛନ୍ତି।

# ଆଇନ ବ୍ୟବସ୍ଥା ବିରୋଧରେ କଂଗ୍ରେସର ବିକ୍ଷୋଭ

ରାୟଗଡ଼ା ଅଫିସ,୨୧।୧୨– ପରୀ ହତ୍ୟାକାଣ୍ଡ ମାମଲାରେ ରାଜ୍ୟର ଆଇନ ବ୍ୟବସ୍ଥାକୁ ନିନ୍ଦା କରିବା ସହ ସୋମବାର ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ଅରୁଣ ସାହୁଙ୍କ ଇସ୍ତଫା ଦାବି କରିଛି ରାୟଗଡ଼ା ଜିଲା କଂଗ୍ରେସ। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ଏପରି ଘଟୁଛି ବୋଲି ଦଳ ଅଭିଯୋଗ କରିଛି। ପରୀ ଘଟଣାର ଦଳ ପକ୍ଷରୁ ପ୍ରତିବାଦରେ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଧାରଣା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ସଭାପତି ଦୁର୍ଗା ପଣ୍ଡାଙ୍କ ସମେତ ଏଆଇସିସି ସଭ୍ୟ ତଥା ଓଡ଼ିଶା ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାପତି ରତ୍ନମଣି ଉଲାକା, ରାୟଗଡ଼ା ବିଧାୟକ ପ୍ରାର୍ଥୀ ଆପଲା ସ୍ୱାମୀ କାଡ୍ରାକା, ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ଜିବେଶ୍ୱର ରାଓ ଓ ଲେଲୀ ମାଝିଙ୍କ ସମେତ ଶତାଧିକ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ।



ଏସ୍‌ପିଙ୍କ ଅଫିସ ଆଗରେ କଂଗ୍ରେସ ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

# ଆଦିବାସୀ କଳା, ସାହିତ୍ୟ ମହୋତ୍ସବ

ମୁନିଗୁଡ଼ା,୨୧।୧୨(ଡି.ଏନ୍.ଏ.) ଆଦିବାସୀଙ୍କ କଳା, ସାହିତ୍ୟ, ସଂସ୍କୃତି, ଜୀବନଶୈଳୀ ବଞ୍ଚାଇ ରଖିବା ଲକ୍ଷ୍ୟନେଇ ସୋମବାର ପିକକ୍ ସଙ୍ଗଠନ, ଏଇଆଇଏନ୍ ଏବଂ ଶିକ୍ଷା ସନ୍ଧାନର ମିଳିତ ଉଦ୍ୟମରେ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ଛତିଶଗଡ଼ ଏବଂ ପଶ୍ଚିମବଙ୍ଗର ଆଦିବାସୀ ଅଞ୍ଚଳକୁ ନେଇ ଏକ ଦିବସୀୟ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ନୃତ୍ୟ, ସଙ୍ଗୀତ, ଗଳ୍ପ, ବାଦ୍ୟଯନ୍ତ୍ର, ଲୋକକଥା, କବିତା ମାଧ୍ୟମରେ ଭର୍ଚୁଆଲ ଆଦାନ ପ୍ରଦାନ ହୋଇଥିଲା। ଶିକ୍ଷା ସନ୍ଧାନ ସଦସ୍ୟ ସମ୍ପାଦକ ଅନୀଲ୍ ପ୍ରଧାନ, ସଂଗ୍ରାମ ଜେନା, ଏଇଆଇଏନ୍‌ର ସିଦ୍ଧାର୍ଥ ପଟ୍ଟନାୟକ, ପିକକ୍‌ର ଅନୁରାଧା ମହାନ୍ତି ଏବଂ ଛତିଶଗଡ଼ ସରକାରଙ୍କ ଭାଷା ଶିକ୍ଷା ବିଭାଗର ମହେନ୍ଦ୍ର ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ମୟୂରଭଞ୍ଜ, କେନ୍ଦୁଝର, ରାୟଗଡ଼ା ପ୍ରଭୃତି ଜିଲାର ସାନ୍ତାଳ, ଦୁଆଙ୍ଗ, ଲୋଧା, କୁଡ଼ମି, ହୋ, ମାଙ୍କଡ଼ିଆ ଓ ଡଙ୍ଗରିଆ ଜନଜାତି ପ୍ରତିନିଧି ଏହି ମହୋତ୍ସବରେ ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ପାରମ୍ପରିକ ବାଦ୍ୟ ବାଜଣା ସହ ରାୟଗଡ଼ା ଜିଲାର ବିଭିନ୍ନ ପଞ୍ଚାୟତରୁ ୫୦ ମହିଳା, ପୁରୁଷ କଳାକାର ଯୋଗ ଦେଇଥିଲେ।

## ଅପହରଣ ନେଇ ମାମଲା

ଜୟପୁର,୨୧।୧୨(ନି.ପ୍ର.)– ରବିବାର ରାତିରେ ସ୍ଥାନୀୟ ଛୋଟାଗୁଡା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଝିଅ (୧୫)କୁ ଅପହରଣ କରି ନିଆଯାଇଥିବା ନେଇ ଟାଉନଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ସୋମବାର ଥାନାରେ ୩୬୩/୨୦ରେ ଏକ ମାମଲା ରୁଜୁହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ସୀମା ନିର୍ଦ୍ଧାରଣ ପୂର୍ବରୁ ଜିଲାପାଳଙ୍କ ବାସଗୃହରେ ବୈଠକ

ପଟ୍ଟାଙ୍ଗୀ,୨୧।୧୨(ଡି.ଏନ୍.ଏ.) କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ଆନ୍ଧ୍ର ସୀମାନ୍ତ ସମ୍ବାଇ ପଞ୍ଚାୟତ ଅନ୍ତର୍ଗତ ସୁନାବେଡା ଗ୍ରାମବାସୀଙ୍କ ସହ ଆନ୍ଧ୍ରର ୫ଟି ସୀମାନ୍ତ ଗ୍ରାମବାସୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦର କୌଣସି ସ୍ଥାୟୀ ସମାଧାନର ପନ୍ଥା ବାହାରିନାହିଁ। ଏପରିସ୍ଥଳେ ରବିବାର କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ତତ୍ତ୍ୱାବଧାନରେ ତାଙ୍କ ବାସଭବନରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଏଡିଏମ୍ ଦେବେନ କୁମାର ପ୍ରଧାନ, ପଟ୍ଟାଙ୍ଗୀ ତହସିଲଦାର ହରିପଦ ମଣ୍ଡଳ, ରାଜସ୍ୱ ବିଭାଗ ଡେପୁଟି କଲେକ୍ଟର ଅର୍ଚ୍ଚନା ଦାସ ଉପସ୍ଥିତ ରହି ଉଭୟ ରାଜ୍ୟ ମଧ୍ୟରେ ସୀମା ଚିହ୍ନଟ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଏ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ସେ ଦେଇ ନ ଥିଲେ। ଅନ୍ୟପକ୍ଷରେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ସିମେଣ୍ଟ ପିଲର୍ ଖୁଣ୍ଟି ସୀମା ଚିହ୍ନଟରେ ବ୍ୟବହାର ଲାଗି ରଖାଯାଇଥିବା ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ, ସୀମା ବିବାଦ ଆରମ୍ଭ ହେବା ପରଠାରୁ କୋରାପୁଟ ଜିଲା ପ୍ରଶାସନ ଆନ୍ଧ୍ର ସହ ସହଯୋଗର ହାତ ବଢାଇ ବିବାଦ ସମାଧାନ ନେଇ ଆନ୍ତରିକତା ପ୍ରକାଶ କରିଥିଲେ ମଧ୍ୟ ଆନ୍ଧ୍ର ପ୍ରଶାସନ କୌଣସି ସହଯୋଗ କରିନାହିଁ।

# ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ଭାଜପାର ରାଲି



ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ଜୟପୁର,୨୧।୧୨ (ନି.ପ୍ର.) ନୟାଗଡ଼ର ଶିଶୁ ପରୀ ହତ୍ୟା ମାମଲା ନେଇ ଏବେ ରାଜ୍ୟ ରାଜନୀତି ସରଗରମ ରହିଛି। ସୋମବାର କୋରାପୁଟ ଜିଲା ଜୟପୁରରେ ଭାଜପା ଏକ ଶୋଭାଯାତ୍ରା କରିଛି। ଏହି ଶୋଭାଯାତ୍ରା ହାଟପଦାରୁ ବାହାରି ରାଜନଗର ପର୍ଯ୍ୟନ୍ତ ଯାଇଥିଲା। ଭାଜପା ଜିଲା ସଭାପତି ସୁମନ୍ତ ପ୍ରଧାନ, କାର୍ଯ୍ୟକାରିଣୀକୁ ନିମନ୍ତ୍ରିତ ସଦସ୍ୟ ଗୌତମ ସାମନ୍ତରାୟ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁରଭି ପାଣି, ପୂର୍ଣ୍ଣିମା ନାୟକଙ୍କ ସମେତ କର୍ମୀମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପରୀ ହତ୍ୟା ଘଟଣାରେ ରାଜ୍ୟ ସରକାରଙ୍କୁ ସମାଲୋଚନାକରି ମନ୍ତ୍ରୀ ଅରୁଣ ସାହୁଙ୍କ ବହିଷ୍କାର ଦାବିକରି ତାଙ୍କ ଗିରଫ ଦାବି କରିଛି ଭାଜପା। ଘଟଣାରେ ଜଡିତଥିବା ବାବୁଲି ନାୟକଙ୍କୁ କାହା ଚାପରେ ପୋଲିସ ଗିରଫ କରୁନି ବୋଲି ପ୍ରଶ୍ନଉଠାଇଛିଦଳ। ପରୀ ହତ୍ୟା ଘଟଣାର ହତ୍ୟାକାରୀ ଗିରଫ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ। ଆଗାମୀ ଦିନରେ ପ୍ରତି ବ୍ଲକରେ ଜନସଚେତନତାକୁ ବ୍ୟାପକ କରାଯିବ ବୋଲି ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ ଓ ଗୌତମ ସାମନ୍ତରାୟ ସୂଚନା ଦେଇଛନ୍ତି।

## ବିକ୍ରମଦେବ କଲେଜରେ ଆନ୍ତଃରାଷ୍ଟ୍ରୀୟ ୱେବିନାର

ଜୟପୁର,୨୧।୧୨(ନି.ପ୍ର.) ଜୟପୁର ସ୍ୱୟଂଶାସିତ ବିକ୍ରମଦେବ ମହାବିଦ୍ୟାଳୟର ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଏକ ଆନ୍ତଃରାଷ୍ଟ୍ରୀୟ ୱେବିନାର ଅନୁଷ୍ଠିତ ହୋଇଛି। 'କରେଣ୍ଟ ଟ୍ରେଣ୍ଡସ ଇନ ଲାଇଫ ସାଇନସ ରିସର୍ଚ୍ଚ–୨୦୨୦'ଶୀର୍ଷକ ୱେବିନାର ସ୍ନାତକୋତ୍ତର ପ୍ରାଣୀବିଜ୍ଞାନ ବିଭାଗ ମୁଖ୍ୟ ଡ.ପ୍ରଜ୍ଞା ପରମିତା ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ୱାଶିଂଟନ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ସନ୍ତୋଷ ପଣ୍ଡା, ସାଉଥ କାରଲିନା ସ୍କୁଲ ଅଫ ମେଡିସିନ ୟୁଏସଏର ନିର୍ଦ୍ଦେଶକ ଡ.ସୁଜିତ ପୁଜାରୀ, ପୋଷ୍ଟ ଡକ୍ଟରେଟ ଫେଲୋ ଡ.ସଞ୍ଜୟ କୁମାର ସାହୁ, ରାଉରକେଲା ଏନଆଇଟିର ଡ.ସୁଜିତ କୁମାର ଭୁତିଆ, ଡ.ଈଶ୍ୱର ବୈଠାରୁ କଲେଜ ଅଧକ୍ଷ ଡ.ଗୋପାଳ ହାଲଦାର, ଅଧାପିକା ସ୍ୱାଗତିକା ପାଣିଗ୍ରାହୀ ଉପସ୍ଥିତ ଥିଲେ । ୱେବିନାରରେ ୨୦୦ଜଣ ଅଧାପକ, ପ୍ରାଧ୍ୟପକ, ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ଶିକ୍ଷାନୁଷ୍ଠାନ ହେବ ତମାଖୁମୁକ୍ତ

 କୋରାପୁଟ,୨୧।୧୨(ସ୍ୱ.ପ୍ର.) କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ସୋମବାର ଜିଲାରେ ଚାଲିଥିବା ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ନେଇ ଜିଲାସ୍ତରୀୟ ସମନ୍ୱୟ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ପିଡି ଡିଆରଡିଏ ପ୍ରବୀର କୁମାର ନାୟକ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମକରନ୍ଦ ବେଉରା, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରୁଣ ପାଢୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ଡିଏସ୍‌ପି ତପନ କୁମାର ମହାନନ୍ଦ, ଜିଲା ଖାଦ୍ୟ ନିରପତ୍ତା ଅଧିକାରୀ ଜିତେନ୍ଦ୍ର ମହନ୍ତ, ଜିଲା ଶ୍ରମ ଅଧିକାରୀ ପଦ୍ମଚରଣ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସତ୍ୟ ପ୍ରଧାନଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ସମସ୍ତ ସରକାରୀ କାର୍ଯ୍ୟାଳୟ, ଜିଲାର ସମସ୍ତ ଶିକ୍ଷାନୁଷ୍ଠାନଗୁଡିକୁ ତମାଖୁମୁକ୍ତ କରିବା, ବେନିୟମ ଚାଲାଣ ଓ ବିକ୍ରି ହେଉଥିବା ତମାଖୁ ସାମଗ୍ରୀ ଉପରେ ଚଢାଉ କରାଯିବାକୁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଡିପିଏମ ଶୁଭକାନ୍ତ ଗନ୍ତାୟତ, ସତିଶ କୁମାର ତ୍ରିପାଠୀ, ଶ୍ୟାମ ସୁନ୍ଦର ବିଶ୍ୱାଳ ପରିଚାଳନା କରିଥିଲେ ।



ଜିଲା ସମନ୍ୱୟ କମିଟିର ବସିଥିବା ବୈଠକ।

**ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ**

